গুজরাট রাজ্য

*বনাম*

দহ্যাভাই জাভেরভাই

ফেব্রুয়ারী 24, 1997

*[কে. রামাস্বামী এবং জি. টি. নানাবতী, ন্যায়মূর্তিদ্বয়]*

*চুক্তিনামা:*

*চুক্তির রদ - সুরক্ষা জমা রাশির বাজেয়াপ্তিকরণ - নির্ণয় করায়াইথিলা, সম্পূর্ণ বৈধ থিলা কারণ তাঙ্কু কার্য্য শেষ করিবাকু সুযোগ দিআয়িবা সত্ত্বে ঠিকাদার চুক্তিনামা কার্য্যকারী করিনথিলে*

*মেসর্স হিন্দ কন্‌স্ট্রক্‌শন কণ্ট্রাক্টর্স* **বনাম** *মহারাষ্ট্র রাজ্য,* **A.I.R. (1979) SC 720, প্রযুজ্য নুহেঁ বোলি নির্ণয় করায়াইথিলা ।**

দেওয়ানী অপিলীয় অধিকারিতা: দেওয়ানী অপিল সংখ্যা 1821/1997 ।

F.A. সংখ্যা 3875/1995 রে গুজরাট উচ্চ ন্যায়ালয়র 21.8.95 তারিখর রায় এবং আদেশরু ।

অপিলকারীঙ্ক পক্ষরু অধারু যশঙ্ক প্রবীণ, এচ্. ওয়াহি এবং এন্. মুখার্জী ।

উত্তরদাতাঙ্ক পক্ষরু কে. এল. জন্নানী ।

ন্যায়ালয়র নিম্নলিখিত আদেশ প্রদান করায়াইথিলা:

বিলম্বকু ক্ষমা করিদিআয়াইছি ।

অনুমতি প্রদান করাগলা । আমে উভয় পক্ষর বিদ্বান অধিবক্তাঙ্কু শুণিছু ।

প্রথম অপিল সংখ্যা 3875/95 রে পারিত হোইথিবা 21 অগষ্ট, 1995 তারিখর গুজুরাট উচ্চ ন্যায়ালয়র রায়রু বিশেষ অনুমতি দ্বারা এহি অপিল উপন্ন হোইছি ।

ସ୍ୱୀକୃତଭାବରେ, ଅମ୍ବିକା ନଦୀ ଉପରେ ସଡ଼କ ସେତୁ ପାଇଁ ସୁରକ୍ଷାତ୍ମକ ପଦକ୍ଷେପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ସଂଖ୍ୟା 1981-82 ର B-1/17 ଅନୁଯାୟୀ ଉତ୍ତରଦାତା-ଠିକାଦାର ଚୁକ୍ତିନାମା କରିଥିଲେ । 3 ଜୁନ୍, 1981 ତାରିଖରେ ଅପିଲକାରୀ କାର୍ଯ୍ୟ ଆଦେଶ ଜାରି କରିଥିଲେ । ଏହା ସତ୍ୟ ଯେ କାର୍ଯ୍ୟ ପତ୍ର ଏବଂ ନିର୍ଦ୍ଦିଷ୍ଟତା ହସ୍ତାନ୍ତର କରିବାରେ ବିଳମ୍ବ ହୋଇଥିଲା । କିନ୍ତୁ ସମଗ୍ର ପ୍ରମାଣକୁ ବିଚାର କରିବା ପରେ ବିଚାରଣ ଅଦାଲତ ଏହାର ଅନୁସନ୍ଧାନର ସିଦ୍ଧାନ୍ତ ଏହିପରି ଉଲ୍ଲେଖ କରିଥିଲେ:

"ବର୍ତ୍ତମାନର ମାମଲାରେ ଯେଉଁ ଜମିରେ ନିର୍ମାଣ କାର୍ଯ୍ୟ କରିବାର ଆବଶ୍ୟକତା ଥିଲା, ତାହା ବେସରକାରୀ ପକ୍ଷ କିମ୍ବା ଘରୋଇ ମାଲିକଙ୍କର ନୁହେଁ ବରଂ ସରକାରଙ୍କ ଜମି ଥିଲା, ତେଣୁ ବାଦୀଙ୍କ ନିର୍ମାଣ କାର୍ଯ୍ୟରେ କୌଣସି ବାଧା ନଥିଲା, କିନ୍ତୁ ବାଦୀ ନିଜେ ନିର୍ମାଣକୁ ତ୍ୟାଗ କରିଥିଲେ ଏବଂ ସେଥିପାଇଁ, ବର୍ତ୍ତମାନର ମାମଲାରେ, କେବଳ ବାଦୀଙ୍କୁ ଏପରି ଜଣେ ବ୍ୟକ୍ତି ଭାବରେ ନିର୍ଣ୍ଣୟ କରାଯାଇପାରିବ ଯିଏ ଚୁକ୍ତିନାମାକୁ ପ୍ରତ୍ୟାହାର କରିଥିଲେ । ଚୁକ୍ତିନାମା ପ୍ରତ୍ୟାହାର କରିବା ପୂର୍ବରୁ, ବାଦୀଙ୍କୁ କାମ ଶେଷ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଏବଂ ଯୁକ୍ତିଯୁକ୍ତ ସୁଯୋଗ ଦିଆଯାଇଥିଲା କିନ୍ତୁ ବାଦୀ କାମ ଶେଷ କରିବା ପାଇଁ କିଛି କରିନାହାଁନ୍ତି ଏବଂ କାମ ଏବଂ ନିର୍ମାଣ ସ୍ଥଳୀକୁ ତ୍ୟାଗ କରିଛନ୍ତି, ତେଣୁ ଆମ ପାଖରେ କୌଣସି ବିକଳ୍ପ ନାହିଁ, ଚୁକ୍ତିନାମା ପ୍ରତ୍ୟାହାର ପାଇଁ ଦକ୍ଷ/ବିଭାଗ ନିର୍ଣ୍ଣୟ ନେବେ ।"

ଉପରୋକ୍ତ ଅନୁସନ୍ଧାନର ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି, ଅନିବାର୍ଯ୍ୟ ଉପସଂହାର ହେଉଛି ଯେ ତାଙ୍କୁ କାର୍ଯ୍ୟ ଶେଷ କରିବାକୁ ସୁଯୋଗ ଦିଆଯିବା ସତ୍ତ୍ୱେ ଉତ୍ତରଦାତା ଉକ୍ତ କାର୍ଯ୍ୟ ନିଷ୍ପାଦନ କରିନଥିଲେ । ଚୁକ୍ତିର ଖଣ୍ଡ 3 ନିମ୍ନରେ ପ୍ରଦାନ କରାଯାଇଛି:

"ଖଣ୍ଡ-3: କୌଣସି ମାମଲାରେ, ଯେଉଁଥିରେ ଏହି ଚୁକ୍ତିର କୌଣସି ଖଣ୍ଡ କିମ୍ବା ଖଣ୍ଡଗୁଡ଼ିକ ଅନୁଯାୟୀ, ତାଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ଜମା ରାଶି (ରାଶି ପଇଠ କରାଯାଇଥାଉ କିମ୍ବା କିସ୍ତି ଦ୍ୱାରା କଟାଯାଇଥାଉ) କିମ୍ବା ଗୁରୁତର ଅସୁସ୍ଥତା କିମ୍ବା ଠିକାଦାରଙ୍କ ମୃତ୍ୟୁ କିମ୍ବା ଅନ୍ୟ କୌଣସି କାରଣରୁ କାର୍ଯ୍ୟ ପରିତ୍ୟାଗ କ୍ଷେତ୍ରରେ କ୍ଷତିପୂରଣ ପଇଠ କରିବାକୁ ଠିକାଦାର ନିଜେ ଦାୟୀ ରହିବେ, ଗୁଜୁରାଟ ସରକାରଙ୍କ ତରଫରୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କର ଏହି କ୍ଷମତା ରହିବ:-

(a) ଚୁକ୍ତିକୁ ରଦ୍ଦ କରିବା (ଯେଉଁଥିରୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅନୁଯାୟୀ ଠିକାଦାରଙ୍କୁ ଲିଖିତ ଛଟେଇ ବିଜ୍ଞପ୍ତି ନିର୍ଣ୍ଣାୟକ ପ୍ରମାଣ ହେବ) ଏବଂ ସେହି ମାମଲାରେ ଠିକାଦାରଙ୍କ ସୁରକ୍ଷା ଜମା ରାଶି ବାଜ୍ୟାପ୍ତି କରାଯିବ ଏବଂ ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅଧୀନରେ ରହିବ ।

ଏହି ସ୍ୱଷ୍ଟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହା ନିର୍ଣ୍ଣୟ କରିବାରେ ତ୍ରୁଟି କରିଛନ୍ତି ଯେ ଆବେଦନକାରୀ/ରାଜ୍ୟ ଜମା ବାଜ୍ୟାପ୍ତି କରିବାକୁ ହକଦାର ନୁହଁନ୍ତି ।"

ଏହାର ଏକ ପଠନ ସ୍ୱଷ୍ଟ ଭାବରେ ସୂଚିତ କରିବ ଯେ ଯେକୌଣସି ମାମଲାରେ, ଚୁକ୍ତିର କୌଣସି ଖଣ୍ଡ କିମ୍ବା ଖଣ୍ଡଗୁଡ଼ିକ ଅନୁଯାୟୀ, ତାଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ଜମା ପାଇଁ କ୍ଷତିପୂରଣ ପଇଠ କରିବାକୁ, ତାହା ରାଶିରେ ପଇଠ କରାଯାଇଥାଉ କିମ୍ବା କିସ୍ତି ଦ୍ୱାରା କଟାଯାଇଥାଉ, ଠିକାଦାର ନିଜେ ନିଜକୁ ଉତ୍ତରଦାୟୀ କରିଥାଆନ୍ତେ; ଗୁରୁତର ଅସୁସ୍ଥତା କିମ୍ବା ଠିକାଦାରଙ୍କ ମୃତ୍ୟୁ କିମ୍ବା ଅନ୍ୟ କୌଣସି କାରଣରୁ କାର୍ଯ୍ୟ ପରିତ୍ୟାଗ କ୍ଷେତ୍ରରେ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚୁକ୍ତିନାମା ରଦ୍ଦ କରିବାକୁ କ୍ଷମତା ପ୍ରଦାନ କରାଯାଇଛି; ସେହି କ୍ଷେତ୍ରରେ ଠିକାଦାରଙ୍କ ସୁରକ୍ଷା ଜମା ରାଶି ଜବତ ହେବ ଏବଂ ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ଅଧୀନରେ ରହିବ । ଫଳସ୍ୱରୂପ, ଅପିଲକାରୀଙ୍କ ଦ୍ୱାରା କାର୍ଯ୍ୟ ପରିତ୍ୟାଗ କାରଣରୁ ସୁରକ୍ଷା ଜମା ରାଶି ଜବତ କରିବା ସମ୍ପୂର୍ଣ୍ଣ ବୈଧ ଥିଲା । ତେଣୁ, ଅପିଲକାରୀଙ୍କୁ ସୁରକ୍ଷା ଜମା ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ । ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଯୁକ୍ତି ବାଢିଛନ୍ତି ଯେ ସମୟ ଚୁକ୍ତିର ମୌଳିକ ପ୍ରକୃତି ନଥିଲା, ଏବଂ ସେଥିପାଇଁ, ଚୁକ୍ତିର ପ୍ରତ୍ୟାହାର ବୈଧ କାରଣ ପାଇଁ ହୋଇନଥିଲା । ତଥାପି, ଆମେ ଚୁକ୍ତିର ପ୍ରତ୍ୟାହାରର ବୈଧତା ପକ୍ଷରେ ଏହି କାରଣ ପାଇଁ ନାହୁଁ ଯେ ସମୟ ଚୁକ୍ତିର ମୌଳିକ ପ୍ରକୃତି ଅଟେ, କିନ୍ତୁ ଏହି ପ୍ରଶ୍ନ ଉପରେ ଅଛୁ ଯେ ଯେ ଉତ୍ତରଦାତା ଚୁକ୍ତି ପରିତ୍ୟାଗ କରିଛନ୍ତି କି ନାହିଁ । ସେହି ପୃଷ୍ଠଭୂମିରେ ପ୍ରଶ୍ନ ଉତ୍ଥାପିତ ହେଉଛି: ଚୁକ୍ତିର ପ୍ରତ୍ୟାହାର ଆଇନ ଅନୁଯାୟୀ ସଠିକ୍ ଥିଲା କି? ଉପରୋକ୍ତ ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟାନୁଷ୍ଠାନ ଆଇନଗତ ଥିଲା । ସେହି ଦୃଷ୍ଟିରୁ, *ମେସର୍ସ ହିନ୍ଦ କନ୍ଷ୍ଟ୍ରକ୍ସନ କଣ୍ଟ୍ରାକ୍ଟର୍ସ* ବନାମ *ମହାରାଷ୍ଟ୍ର ରାଜ୍ୟ,* A.I.R. (1979) SC 720, ର ଅନୁପାତର କୌଣସି ପ୍ରାସଙ୍ଗିକତା ନାହିଁ । ସେଥିରେ, ଚୁକ୍ତି ରଦ୍ଦ ହୋଇନଥିଲା । ବର୍ଦ୍ଧିତ ସମୟ ପରେ କାର୍ଯ୍ୟ ନିଷ୍ପାଦନ ହୋଇଥିଲା ଏବଂ ବର୍ଦ୍ଧିତ ସମୟ ମଧ୍ୟରେ କରାଯାଇଥିବା କାର୍ଯ୍ୟ ପାଇଁ ମଧ୍ୟସ୍ଥିଙ୍କ ନିକଟରେ ଦାବିଗୁଡ଼ିକ ରଖାଯାଇଥିଲା । ଏଥିରେ, ବିବାଦ

ଉତ୍ଥାପିତ ହୋଇଥିଲା ଯେ ସମୟ ହିଁ ଚୁକ୍ତିର ସାର ଥିଲା । ଉତ୍ତରଦାତା ଏବଂ ଠିକାଦାର ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମାପ୍ତ କରିନଥିବାରୁ, ସେ ଉକ୍ତ ଅଧିନିର୍ଣ୍ଣୟ ଅନୁଯାୟୀ ଉକ୍ତ ରାଶି ପାଇଁ ହକଦାର ନଥିଲେ । ସେହି ଚୁକ୍ତିରେ, ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯେ ସମୟ ଚୁକ୍ତିର ମର୍ମ ନଥିଲା । ତେବେ, ଏହି ମାମଲାରେ ସେହି ପ୍ରଶ୍ନ ଉତ୍ଥାପିତ ହେଉନାହିଁ କାରଣ ଉତ୍ତରଦାତା ଚୁକ୍ତିକୁ ପରିତ୍ୟାଗ କରିଥିଲେ ।

ତଦନୁସାରେ ଅପିଲକୁ ଅନୁମତି ପ୍ରଦାନ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ